रजिस्ट्री सं॰ डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII—ଖଣ୍ଡ I**

**प्राधिकार से प्रकाशित**
**PUBLISHED BY THE AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

**No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6**

**ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6**

## MINISTRY OF LAW, JUSTICE AND COMPANY AFFAIRS

**(Legislative Department)**

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privile.·s and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ଵିଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ଵିଧାୟୀ ଵିଭାଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ଓ୍ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ଓ୍ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲୟିଜ୍ ଲଇୟାବିଲିଟି ଏକ୍ଟ, 1938, (12) ଦି କୋଗେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ଓ୍ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ଓ୍ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାର ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାର 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ନିଯୋଜନାଳୟ (ଶୂନ୍ୟସ୍ଥାନର ଅନିବାର୍ଯ୍ୟ ଅଧିସୂଚନା) ଅଧିନିୟମ, 1959

(1959 ର ଅଧିନିୟମ ସଂ 31)

**ନିଯୋଜନାଳୟମାନଙ୍କୁ ଶୂନ୍ୟସ୍ଥାନର ଅନିବାର୍ଯ୍ୟ ଅଧିସୂଚନା ଦେବା ପାଇଁ ଉପବନ୍ଧିତ କରିବା ନିମିତ୍ତ ଏକ ଅଧିନିୟମ**

[2 ନଭେମ୍ବର, 1959]

ଭାରତ ଗଣ ରାଜ୍ୟର ଦଶମ ବର୍ଷରେ ଏହା ସଂସଦଦ୍ୱାରା ନିମ୍ନଲିଖିତମତେ ଅଧିନିୟମିତ ହେଲା :—

ସଂକ୍ଷିପ୍ତ ନାମ, ବିସ୍ତାର ଏବଂ ପ୍ରାରମ୍ଭ ।

1. (1) ଏହି ଅଧିନିୟମଟି ନିଯୋଜନାଳୟ (ଶୂନ୍ୟସ୍ଥାନର ଅନିବାର୍ଯ୍ୟ ଅଧିସୂଚନା) ଅଧିନିୟମ, 1959 ନାମରେ ଅଭିହିତ ହେବ ।

(2) ଏହା ସମଗ୍ର ଭାରତ ପ୍ରତି ବିସ୍ତାରିତ ଅଟେ ।

(3) ଏହା କୌଣସି ଏକ ରାଜ୍ୟରେ କେନ୍ଦ୍ର ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ସେହି ରାଜ୍ୟ ପାଇଁ ଏତଦ୍‌ର୍ଥେ ନିୟତ କରିଥିବା ତାରିଖଠାରୁ ପ୍ରବୃତ୍ତ ହେବ ଏବଂ ପୃଥକ ପୃଥକ ରାଜ୍ୟ ପାଇଁ ବା କୌଣସି ରାଜ୍ୟର ବିଭିନ୍ନ ଅଞ୍ଚଳ ପାଇଁ ଭିନ୍ନ ଭିନ୍ନ ତାରିଖ ନିୟତ କରାଯାଇପାରେ ।

ସଂଜ୍ଞା ।

2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନଥିଲେ, ଏହି ଅଧିନିୟମରେ—

(କ) "ସମୁଚିତ ସରକାର" କହିଲେ—

(1) (କ) କୌଣସି ରେଳବାଇ, ବୃହତ ବନ୍ଦର, ଖଣି ବା ତୈଳ କ୍ଷେତ୍ରର କୌଣସି ସଂସ୍ଥା; ବା

(ଖ) କୌଣସି ସଂସ୍ଥା, ଯାହାକି ନିମ୍ନ ମାଲିକାନା ନିୟନ୍ତ୍ରଣ ଏବଂ ପରିଚାଳନାରେ ଅଛି :—

(*i*) କେନ୍ଦ୍ର ସରକାର ବା କେନ୍ଦ୍ର ସରକାରଙ୍କ କୌଣସି ବିଭାଗ, ବା

(*ii*) କୌଣସି କମ୍ପାନୀ, ଯହିଁରେ କେନ୍ଦ୍ର ସରକାରଙ୍କର ଅନ୍ୟୁନ ଶତକଡ଼ା ଏକାବନ ଭାଗ ଅଂଶ ମୂଳଧନ ଅଛି ବା ଆଂଶିକ ଭାବରେ କେନ୍ଦ୍ର ସରକାରଙ୍କର ଏବଂ ଆଂଶିକ ଭାବରେ ଏକ ବା ଏକାଧିକ ରାଜ୍ୟ ସରକାରଙ୍କର ଅଛି,

(*iii*) କୌଣସି କେନ୍ଦ୍ର ଅଧିନିୟମ ଦ୍ୱାରା ବା ଅଧୀନରେ ପ୍ରତିଷ୍ଠିତ କୌଣସି ନିଗମ (ଏକ ସମବାୟ ସମିତି ସମେତ) ଯାହାକି କେନ୍ଦ୍ର ସରକାରଙ୍କ ମାଲିକାନା ନିୟନ୍ତ୍ରଣ ବା ପରିଚାଳନାରେ ଅଛି,

ସେମାନଙ୍କ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ବୁଝାଏ ।

(2) ଅନ୍ୟ କୌଣସି ସଂସ୍ଥା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ବୁଝାଏ ଯେଉଁ ରାଜ୍ୟରେ କି ସେହି ଅନ୍ୟ ସଂସ୍ଥାଟି ଅବସ୍ଥିତ ଅଟେ ;

(ଖ) "କର୍ମଚାରୀ" କହିଲେ କୌଣସି ସଂସ୍ଥାରେ ପାରିଶ୍ରମିକ ନେଇ କୌଣସି କାର୍ଯ୍ୟ କରିବାକୁ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କୁ ବୁଝାଇବ,

(ଗ) "ନିଯୋକ୍ତା" କହିଲେ ଏକ ବା ଏକାଧିକ ଅନ୍ୟ ବ୍ୟକ୍ତିଙ୍କୁ ପାରିଶ୍ରମିକ ନେଇ କୌଣସି କାର୍ଯ୍ୟ କରିବାକୁ ନିଯୁକ୍ତ କରୁଥିବା ବ୍ୟକ୍ତିଙ୍କୁ ବୁଝାଇବ ଏବଂ ଏହା ଏଭଳି ପ୍ରତିଷ୍ଠାନରେ କର୍ମଚାରୀମାନଙ୍କର ପର୍ଯ୍ୟବେକ୍ଷଣ ଏବଂ ନିୟନ୍ତ୍ରଣ କାର୍ଯ୍ୟ ଯେଉଁ ବ୍ୟକ୍ତିଙ୍କ ଉପରେ ନ୍ୟସ୍ତ ହୋଇଥିବ ସେହି ବ୍ୟକ୍ତିଙ୍କୁ ଅନ୍ତର୍ଗତ କରିବ,

(ଘ) "ନିଯୋଜନାଳୟ" କହିଲେ—

(*i*) କର୍ମଚାରୀ ନିଯୁକ୍ତ କରିବାକୁ ଚାହୁଁଥିବା ବ୍ୟକ୍ତି;

(*ii*) ନିଯୁକ୍ତି ଚାହୁଁଥିବା ବ୍ୟକ୍ତି; ଏବଂ

(*iii*) ଯେଉଁ ଶୂନ୍ୟସ୍ଥାନରେ ନିଯୁକ୍ତି ଚାହୁଁଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତ କରାଯିବ;

ଏ ସଂକ୍ରାନ୍ତରେ ରେଜିଷ୍ଟର ରଖିବା ଅନ୍ୟଥା ତଥ୍ୟ ସଂଗ୍ରହ କରିବା ଏବଂ ତାହା ଯୋଗାଇ ଦେବା ପାଇଁ ସରକାରଙ୍କ ଦ୍ୱାରା ସ୍ଥାପିତ ଏବଂ ରକ୍ଷିତ କୌଣସି କାର୍ଯ୍ୟାଳୟ ବା ସ୍ଥାନକୁ ବୁଝାଇବ,

(ଙ) "ସଂସ୍ଥା" କହିଲେ——

(କ) କୌଣସି କାର୍ଯ୍ୟାଳୟ ; ବା

(ଖ) କୌଣସି ଉଦ୍ୟୋଗ, ବେପାର, ବ୍ୟବସାୟ ବା ଉପଜୀବିକା ଚାଲୁଥିବା କୌଣସି ସ୍ଥାନକୁ ବୁଝାଇବ ;

(ଚ) "ପବ୍ଲିକ ସେକ୍ଟରର ସଂସ୍ଥା" କହିଲେ ଏପରି କୌଣସି ସ୍ଥାନକୁ ବୁଝାଇବ ଯାହାକି——

(1) ସରକାର ବା ସରକାରଙ୍କର କୌଣସି ଏକ ବିଭାଗର,

(2) କମ୍ପାନୀ ଅଧିନିୟମ, 1956 ର ଧାରା 617 ରେ ସଂଜ୍ଞାକୃତ ଏକ ସରକାରୀ କମ୍ପାନୀର,

(3) କୌଣସି କେନ୍ଦ୍ରୀୟ, ପ୍ରାଦେଶିକ ବା ରାଜ୍ୟ ଅଧିନିୟମ ଦ୍ୱାରା ବା ଅନୁଯାୟୀ ପ୍ରତିଷ୍ଠିତ ଏବଂ ସରକାରଙ୍କ ମାଲିକାନା, ନିୟନ୍ତ୍ରଣ ବା ପରିଚାଳନାରେ ଥିବା ସମବାୟ ସମିତି ସମେତ ଏକ ନିଗମର,

(4) କୌଣସି ସ୍ଥାନୀୟ ପ୍ରାଧିକାରୀଙ୍କର.

ମାଲିକାନା, ନିୟନ୍ତ୍ରଣ ବା ପରିଚାଳନାରେ ଥାଏ ।

(ଛ) "ପ୍ରାଇଭେଟ ସେକ୍ଟର ସଂସ୍ଥା" କହିଲେ ଏପରି ଏକ ସଂସ୍ଥାକୁ ବୁଝାଇବ ଯାହାକି ପବ୍ଲିକ୍ ସେକ୍ଟରର କୌଣସି ସଂସ୍ଥା ନୁହେଁ ଏବଂ ଯେଉଁଠାରେ ସାଧାରଣତଃ ପଚିଶ ଜଣ ବା ଅଧିକ ବ୍ୟକ୍ତି ପାରିଶ୍ରମିକ ପାଇଁ କାମ କରିବାକୁ ନିଯୁକ୍ତ ହୋଇଥାନ୍ତି ।

(ଜ) "ବିହିତ" କହିଲେ ଏହି ଅଧିନିୟମ ଅଧୀନରେ ପ୍ରଣୀତ ନିୟମାବଳୀ ଦ୍ୱାରା ବିହିତକୁ ବୁଝାଏ ।

(ଝ) "ଅନିପୁଣ ଅଫିସ କାର୍ଯ୍ୟ" କହିଲେ ନିମ୍ନୋକ୍ତ କୌଣସି ଶ୍ରେଣୀର କର୍ମଚାରୀଙ୍କ ଦ୍ୱାରା କୌଣସି ସଂସ୍ଥାରେ କରାଯାଉଥିବା କାର୍ଯ୍ୟକୁ ବୁଝାଏ, ଯଥା :-

(1) ଦପ୍ତରୀ ;

(2) ଜମାଦାର, ଅର୍ଦ୍ଦଳି ଏବଂ ପିଅନ ;

(3) ଫରାସ ;

(4) ବଣ୍ଡିଲ ବା ରେକର୍ଡ ଉଠାଳି ;

(5) ପ୍ରସେସ ସର୍ଭର ;

(6) ଜଗୁଆଳି ;

(7) ଝାଡୁଦାର ;

(୮) କେନ୍ଦ୍ର ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଅନିପୁଣ କାର୍ଯ୍ୟରୂପେ ଘୋଷଣା କରିଥିବା କୌଣସି ମାମୁଲି ବା ଅନିପୁଣ କାର୍ଯ୍ୟ କରୁଥିବା ଅନ୍ୟ କୌଣସି କର୍ମଚାରୀ ।

କେତେକ ଶୂନ୍ୟସ୍ଥାନ ସମ୍ପର୍କରେ ଅଧିନିୟମଟି ଲାଗୁ ହେବ ନାହିଁ ।

3. (1) ଏହି ଅଧିନିୟମ,——

(କ) କୌଣସି ପ୍ରାଇଭେଟ ସେକ୍ଟରର କୌଣସି ସଂସ୍ଥାରେ ଫଳଗଛ ସମେତ କୃଷିରେ କୃଷକ ମେସିନାରୀ ବା ଫାର୍ମ ମେସିନାରୀର ସଂକ୍ରିୟକାର ରୂପେ ନିୟୋଜନ ଭିନ୍ନ ଅନ୍ୟ କୌଣସି ନିୟୋଜନରେ,

(ଖ) ଘରୋଇ କାର୍ଯ୍ୟରେ ଥିବା କୌଣସି ନିୟୋଜନରେ,

(ଗ) ମୋଟ କାର୍ଯ୍ୟକାଳ ତିନି ମାସରୁ କମ୍ ଥିବା କୌଣସି ନିୟୋଜନରେ,

(ଘ) ଅନିପୁଣ ଅଫିସ କାର୍ଯ୍ୟ କରିବା ପାଇଁ କୌଣସି ନିୟୋଜନରେ,

(ଙ) ସଂସଦର କର୍ମକର୍ତ୍ତାଙ୍କ ସହିତ ସଂପୃକ୍ତ କୌଣସି ନିୟୋଜନରେ ଘଟିଥିବା ଶୂନ୍ୟସ୍ଥାନ ସମ୍ପର୍କରେ ଲାଗୁ ହେବନାହିଁ ।

(2) କେନ୍ଦ୍ର ସରକାର ସରକାରୀ ଗେଜେଟରେ ଏତଦ୍‌ର୍ଥେ ଅନ୍ୟଥା ନିର୍ଦ୍ଦେଶ ନ ଦେଲେ ଏହି ଅଧିନିୟମଟି ନିମ୍ନଲିଖିତ ପ୍ରତି ଲଗୁ ହେବ ନାହିଁ :—

(କ) ଯେଉଁ ଶୂନ୍ୟସ୍ଥାନଗୁଡ଼ିକ ପଦୋନ୍ନତିଦ୍ୱାରା ବା ସେହି ସଂସ୍ଥାର କୌଣସି ଶାଖା ବା ବିଭାଗର ବଳକା କର୍ମଚାରୀଙ୍କ ନିଯୁକ୍ତି ଦ୍ୱାରା ବା କୌଣସି ସ୍ୱାଧୀନ ସଂସ୍ଥା, ଯଥା କେନ୍ଦ୍ର ବା ରାଜ୍ୟ ପବ୍ଲିକ୍ ସର୍ଭିସ କମିଶନ ଏବଂ ଅନୁରୂପ ସଂସ୍ଥା ଦ୍ୱାରା ପରିଚାଳିତ କୌଣସି ପରୀକ୍ଷାର ବା ସାକ୍ଷାତକାରର ଫଳ ଉପରେ ବା ସେସବୁ ସଂସ୍ଥାର ସୁପାରିଶ ଉପରେ ପୂରଣ ହେବା ପ୍ରସ୍ତାବିତ ଅଟେ ;

(ଖ) ମାସିକ ଷାଠିଏ ଟଙ୍କା ବେତନରୁ ଊଣା ମିଳୁଥିବା କୌଣସି ନିୟୋଜନରେ ଥିବା ଶୂନ୍ୟ ସ୍ଥାନମାନ ।

**ନିୟୋଜନାଳୟମାନଙ୍କୁ ଶୂନ୍ୟସ୍ଥାନମାନଙ୍କର ଅଧିସୂଚନା ।**

4. (1) କୌଣସି ରାଜ୍ୟରେ ବା ତହିଁର ଅଞ୍ଚଳରେ ଏହି ଅଧିନିୟମର ପ୍ରାରମ୍ଭ ପରେ ସେହି ରାଜ୍ୟ ବା ଅଞ୍ଚଳରେ ପବ୍ଲିକ୍ ସେକ୍ଟରର ପ୍ରତ୍ୟେକ ସଂସ୍ଥାରେ ଥିବା ନିଯୋକ୍ତା ସେହି ସଂସ୍ଥାରେ ଥିବା କୌଣସି ନିୟୋଜନର ଶୂନ୍ୟସ୍ଥାନ ପୂରଣ କରିବା ପୂର୍ବରୁ ବିହିତ ହୋଇଥିବ । ଏଭଳି ନିୟୋଜନାଳୟମାନଙ୍କୁ ସେହି ଶୂନ୍ୟସ୍ଥାନ ବିଷୟରେ ଅଧିସୂଚିତ କରିବେ ।

(2) ସମୁଚିତ ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଆବଶ୍ୟକ କରିବେ ଯେ ଅଧିସୂଚନାରେ ଯେଉଁ ତାରିଖ ବିନିର୍ଦ୍ଦିଷ୍ଟ ହେବ ସେହି ତାରିଖ ଠାରୁ ପ୍ରାଇଭେଟ ସେକ୍ଟରର ପ୍ରତ୍ୟେକ ସଂସ୍ଥା ବା ପ୍ରାଇଭେଟ ସେକ୍ଟରର ସଂସ୍ଥାର କୌଣସି ଶ୍ରେଣୀ ବା ବର୍ଗ ସହିତ ସଂପୃକ୍ତ ଥିବା ପ୍ରତ୍ୟେକ ସଂସ୍ଥାର ନିଯୋକ୍ତା ସେହି ସଂସ୍ଥାରେ ଥିବା କୌଣସି ନିୟୋଜନର ଶୂନ୍ୟସ୍ଥାନ ପୂରଣ କରିବା ପୂର୍ବରୁ ବିହିତ ହୋଇଥିବା ଏଭଳି ନିୟୋଜନାଳୟମାନଙ୍କୁ ସେହି ଶୂନ୍ୟସ୍ଥାନ ବିଷୟରେ ଅଧିସୂଚିତ କରିବେ ଏବଂ ନିଯୋକ୍ତା ତଦ୍ଦୁପରି ଏଭଳି ଅଧିଯାଚନାକୁ ପାଳନ କରିବେ ।

(3) ଉପଧାରା (1) ବା ଉପଧାରା (2)ରେ ନିର୍ଦ୍ଦେଶିତ ଶୂନ୍ୟସ୍ଥାନ ସବୁ ନିୟୋଜନାଳୟମାନଙ୍କୁ ଅଧିସୂଚିତ ହେବାର ରୀତି ଏବଂ ଯେଉଁ ନିୟୋଜନଗୁଡ଼ିକରେ ଏଭଳି ଶୂନ୍ୟସ୍ଥାନ ଉପୁଜିଥାଏ ବା ଉପୁଜିବାର ସଂଭାବନା ଥାଏ ସେ ସବୁର ସବିଶେଷ ବିବରଣ ବିହିତ ହୋଇଥିବାମତେ ହେବ ।

(4) କେବଳ ଉପଧାରା (1) ବା ଉପଧାରା (2) ଅଧୀନରେ ଶୂନ୍ୟସ୍ଥାନ ଅଧିସୂଚିତ ହୋଇଥିବା କାରଣରୁ ଏହା ବୁଝାଯିବ ନାହିଁ ଯେ ସେହି ଶୂନ୍ୟସ୍ଥାନ ପୂରଣ କରିବାକୁ ନିୟୋଜନାଳୟ ଜରିଆରେ କୌଣସି ବ୍ୟକ୍ତିଙ୍କୁ ନିଯୁକ୍ତ କରାଯିବାପାଇଁ ଉପଧାରା (1) ଓ (2)ରେ ଥିବା କୌଣସି ବିଷୟ ନିଯୋକ୍ତାଙ୍କ ଉପରେ କୌଣସି ବାଧ୍ୟତା ଆରୋପ କରୁଅଛି ।

**ନିଯୋକ୍ତା ବିହିତ ଫର୍ମରେ ସୂଚନା ଓ ବିବରଣୀ ଯୋଗାଇ ଦେବେ ।**

5. (1) କୌଣସି ରାଜ୍ୟ ବା ତହିଁର ଅଞ୍ଚଳରେ ଏହି ଅଧିନିୟମ ପ୍ରାରମ୍ଭ ହେବା ପରେ ସେହି ରାଜ୍ୟ ବା ଅଞ୍ଚଳର ପବ୍ଲିକ୍ ସେକ୍ଟରର ପ୍ରତ୍ୟେକ ସଂସ୍ଥାରେ ଥିବା ନିଯୋକ୍ତା ସେହି ସଂସ୍ଥାରେ ଉପୁଜିଥିବା ବା ଉପୁଜିଥିବାର ସମ୍ଭାବନା ଥିବା ଶୂନ୍ୟସ୍ଥାନ ସଂପର୍କରେ ବିହିତ ହୋଇଥିବାମତେ ସେଭଳି ସୂଚନା ବା ବିବରଣୀ ବିହିତ ହୋଇଥିବା ନିୟୋଜନାଳୟମାନଙ୍କୁ ଯୋଗାଇ ଦେବେ ।

(2) ସମୁଚିତ ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଆବଶ୍ୟକ କରିବେ ଯେ ଅଧିସୂଚନାରେ ଯେଉଁ ତାରିଖ ବିନିର୍ଦ୍ଦିଷ୍ଟ ହୋଇଥିବ ସେହି ତାରିଖଠାରୁ ପ୍ରାଇଭେଟ ସେକ୍ଟରର ପ୍ରତ୍ୟେକ ସଂସ୍ଥାର ବା ପ୍ରାଇଭେଟ ସେକ୍ଟରର କୌଣସି ଶ୍ରେଣୀ ବା ବର୍ଗର ସଂସ୍ଥା ସହ ସଂପୃକ୍ତ ପ୍ରତ୍ୟେକ ସଂସ୍ଥାର ନିଯୋକ୍ତା ସେହି ସଂସ୍ଥାରେ ଉପୁଜିଥିବା ବା ଉପୁଜିବାର ସମ୍ଭାବନାଥିବା ଶୂନ୍ୟସ୍ଥାନ ସଂପର୍କରେ ବିହିତ ହୋଇଥିବାଭଳି ସୂଚନା ବା ବିବରଣୀ ବିହିତ ହୋଇଥିବା ନିୟୋଜନାଳୟମାନଙ୍କୁ ଯୋଗାଇଦେବେ ଏବଂ ନିଯୋକ୍ତା ତଦ୍ଦୁପରି ଏଭଳି ଅଧିଯାଚନାକୁ ପାଳନ କରିବେ ।

(3) କେଉଁ ଫର୍ମରେ ଏବଂ କେଉଁ ସମୟ ବ୍ୟବଧାନରେ ଏଭଳି ସୂଚନା ବା ବିବରଣୀ ଯୋଗାଇ ଦିଆଯିବ ଏବଂ ସେଥିରେ କେଉଁ ସବିଶେଷ ବିବରଣମାନ ସ୍ଥାନ ପାଇବ, ତାହା ବିହିତ ହୋଇଥିବାମତେ ହେବ ।

**ଅଭିଲେଖ ବା ଦସ୍ତାବିଜମାନଙ୍କ ପ୍ରତି ପହୁଂଚର ଅଧିକାର ।**

6. ଏତଦ୍‌ର୍ଥେ ବିହିତ ହୋଇଥିବାମତେ ସରକାରଙ୍କର ଏଭଳି ଅଧିକାରୀ ବା ତାଙ୍କ ଦ୍ୱାରା ଲିଖିତ ଭାବରେ ପ୍ରାଧିକୃତ କୌଣସି ବ୍ୟକ୍ତିଙ୍କର ଧାରା 5 ଅଧୀନରେ କୌଣସି ସୂଚନା ବା ବିବରଣୀ ଯୋଗାଇବାକୁ ଆବଶ୍ୟକ ହେଉଥିବା କୌଣସି ନିଯୋକ୍ତାଙ୍କର ଦଖଲରେ ଥିବା ସୁସଙ୍ଗତ ଅଭିଲେଖ ବା ଦସ୍ତାବିଜମାନଙ୍କ ପ୍ରତି ପହୁଂଚର ଅଧିକାର ରହିବ ଏବଂ ଯେଉଁଠାରେ ଏଭଳି ଅଭିଲେଖ ବା ଦସ୍ତାବିଜମାନ ଥିବାର ସେ ବିଶ୍ୱାସ କରୁଥିବେ ସେଭଳି କୌଣସି ପରିସରରେ କୌଣସି ସଙ୍ଗତ ସମୟରେ ପ୍ରବେଶ କରିପାରିବେ ଏବଂ ସୁସଙ୍ଗତ ଅଭିଲେଖ ବା ଦସ୍ତାବିଜମାନଙ୍କୁ ପରିଦର୍ଶନ କରିପାରିବେ ବା ତାହାର ନକଲ ନେଇ ପାରିବେ ବା ସେହି ଧାରା ଅଧୀନରେ ଆବଶ୍ୟକ ହେଉଥିବା କୌଣସି ସୂଚନା ପାଇବାପାଇଁ ଅବଶ୍ୟକ କୌଣସି ପ୍ରଶ୍ନ ପଚାରି ପାରିବେ ।

ଶାସ୍ତି

7. (1) ଯଦି କୌଣସି ନିଯୋକ୍ତା ଧାରା 4 ର ଉପଧାରା (1) ବା ଉପାଧାରା (2)ର ଉଲଂଘନରେ କୌଣସି ଶୂନ୍ୟସ୍ଥାନ ସେହି ପ୍ରୟୋଜନରେ ବିହିତ ହୋଇଥିବା ନିୟୋଜନାଳୟମାନଙ୍କୁ ଅଧିସୂଚିତ ନ କରନ୍ତି ତେବେ ସେ ପ୍ରଥମ ଅପରାଧପାଇଁ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ଏବଂ ପ୍ରତ୍ୟେକ ପରବର୍ତ୍ତୀ ଅପରାଧପାଇଁ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

(2) ଯଦି କୌଣସି ବ୍ୟକ୍ତି,—

(କ) ଯେଉଁ କୌଣସି ସୂଚନା ବା ବିବରଣୀ ଯୋଗାଇ ଦେବାକୁ ଆବଶ୍ୟକ ହୋଇଥାନ୍ତି—

(*i*) ଏଭଳି ସୂଚନା ବା ବିବରଣୀ ଯୋଗାଇଦେବାକୁ ମନା କରନ୍ତି ବା ଅବହେଳା କରନ୍ତି, ବା

(*ii*) ସେ ମିଥ୍ୟା ବୋଲି ଜାଣିଥିବା କୌଣସି ସୂଚନା ବା ବିବରଣୀ ଯୋଗାଇ ଦିଅନ୍ତି ବା ଯୋଗାଇ-ଦେବାରେ ସାହାଯ୍ୟ କରନ୍ତି, ବା

(*iii*) ଧାରା 5 ଅଧୀନରେ ଯୋଗାଇ ଦେବାକୁ ଆବଶ୍ୟକ ହେଉଥିବା କୌଣସି ସୂଚନା ମିଳିବା-ପାଇଁ କୌଣସି ଆବଶ୍ୟକ ପ୍ରଶ୍ନର ଉତ୍ତର ଦେବାପାଇଁ ମନା କରନ୍ତି ବା ଏକ ମିଥ୍ୟା ଉତ୍ତର ଦିଅନ୍ତି, ବା

(ଖ) ଧାରା 6 ଦ୍ୱାରା ନ୍ୟସ୍ତ ହୋଇଥିବା ସୁସଙ୍ଗତ ଅଭିଲେଖ ବା ଦସ୍ତାବିଜମାନ ପ୍ରତି ପହୁଂଚର ଅଧିକାର ବା ପ୍ରବେଶାଧିକାରରେ ବାଧା ଦାନ କରନ୍ତି,

ସେ ପ୍ରଥମ ଅପରାଧପାଇଁ ଦୁଇଶତ ପଚାଶ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଏବଂ ପ୍ରତ୍ୟେକ ପରବର୍ତ୍ତୀ ଅପରାଧପାଇଁ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

ଅପରାଧର ସଂଜ୍ଞାନ ।

8. ଏହି ଅଧିନିୟମ ଅଧୀନରେ ଏକ ଅପରାଧପାଇଁ ସରକାରଙ୍କ ଦ୍ୱାରା ଏ ସମ୍ପର୍କରେ ବିହିତ ହୋଇଥିବା ଏଭଳି ଅଧିକାରୀଙ୍କର ବା ସେହି ଅଧିକାରୀଙ୍କ ଦ୍ୱାରା ଲିଖିତ ଭବରେ ପ୍ରାଧିକୃତ କୌଣସି ବ୍ୟକ୍ତିଙ୍କ ମଞ୍ଜୁରୀ ବିନା କୌଣସି ଅଭିଯୋଜନ ଆଗତ ହୋଇପାରିବ ନାହିଁ ।

ସଦ୍‌ଭବନା ପୂର୍ବକ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ସଂରକ୍ଷଣ ।

9. ଏହି ଅଧିନିୟମ ଅଧୀନରେ ସଦ୍‌ଭବନା ପୂର୍ବକ କରାଯାଇଥିବା ବା କରାଯିବାପାଇଁ ଉଦ୍ଦିଷ୍ଟ କୌଣସି କାର୍ଯ୍ୟପାଇଁ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା, ଅଭିଯୋଜନ ବା ଅନ୍ୟ ବିଧିକ କାର୍ଯ୍ୟବାହୀ ଆଗତ ହୋଇପାରିବ ନାହିଁ ।

ନିୟମାବଳୀ ପ୍ରଣୟନ କ୍ଷମତା ।

10. (1) କେନ୍ଦ୍ର ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏବଂ ପୂର୍ବ ପ୍ରକାଶନ ସର୍ତ୍ତର ବଶବର୍ତ୍ତୀ ରହି ଏହି ଅଧିନିୟମର ପ୍ରୟୋଜନମାନଙ୍କୁ କାର୍ଯ୍ୟକାରୀ କରିବା ନିମିତ୍ତ ନିୟମାବଳୀ ପ୍ରଣୟନ କରିପାରିବେ ।

(2) ବିଶେଷତଃ ଏବଂ ପୂର୍ବବର୍ତ୍ତୀ କ୍ଷମତାର ବ୍ୟାପକତା ଉପରେ ଆଞ୍ଚ ନ ଆଣି, ଏଭଳି ନିୟମାବଳୀ ନିମ୍ନୋକ୍ତ ସମସ୍ତ ବା କୌଣସି ବିଷୟମାନଙ୍କପାଇଁ ବ୍ୟବସ୍ଥା କରିପାରିବ, ଯଥା—

(କ) କେଉଁ ନିୟୋଜନାଳୟ ବା ନିୟୋଜନାଳୟମାନଙ୍କୁ ବା କେଉଁ ଫର୍ମରେ ଏବଂ ରୀତିରେ ଏବଂ କେଉଁ ସମୟ ମଧ୍ୟରେ ଶୂନ୍ୟସ୍ଥାନମାନ ଅଧିସୂଚିତ ହେବ ଏବଂ ଯେଉଁ ନିୟୋଜନଗୁଡ଼ିକରେ ଏଭଳି ଶୂନ୍ୟସ୍ଥାନ ଉପୁଜିଅଛି ବା ଉପୁଜିବାକୁ ଯାଉଅଛି ତହିଁର ସବିଶେଷ ବିବରଣ,

(ଖ) କେଉଁ ଫର୍ମ ଏବଂ ରୀତିରେ ଏବଂ କେଉଁ ବ୍ୟବଧାନରେ ଧାରା 5 ଅଧୀନରେ ଆବଶ୍ୟକ ହେଉଥିବା ସୂଚନା ଏବଂ ବିବରଣୀ ଯୋଗାଇ ଦିଆଯିବ ଏବଂ କେଉଁ ସବିଶେଷ ବିବରଣମାନ ସେଗୁଡ଼ିକରେ ରହିବ,

(ଗ) କେଉଁ ଅଧିକାରୀଙ୍କ ଦ୍ୱାରା ଏବଂ କେଉଁ ରୀତିରେ ଧାରା 6 ଅଧୀନରେ ନ୍ୟସ୍ତ ହୋଇଥିବା ଦସ୍ତାବିଜମାନଙ୍କ ପ୍ରତି ପହୁଂଚର ଅଧିକାର ଏବଂ ପ୍ରବେଶାଧିକାର ପ୍ରୟୋଗ କରାଯିବ,

(ଘ) ଅନ୍ୟ କୌଣସି ବିଷୟ ଯାହାକି ଏହି ଅଧିନିୟମ ଅଧୀନରେ ବିହିତ ହୋଇଅଛି ବା ହୋଇପାରେ ।

(3) ଏହି ଅଧିନିୟମ ଅଧୀନରେ ପ୍ରଣୀତ ପ୍ରତ୍ୟେକ ନିୟମ ତାହା ପ୍ରଣୀତ ହେବା ପରେ ଯଥାସମ୍ଭବ ଶୀଘ୍ର ସଂସଦ ସତ୍ରରେ ଥିବାବେଳେ ତିରିଶି ଦିନର ଏକ ମୋଟ କାଳାବଧି ପାଇଁ, ଯେଉଁ କାଳାବଧି କି ଗୋଟିଏ ସତ୍ର ବା ଦୁଇ ବା ତତୋଽଧିକ କ୍ରମବର୍ତ୍ତୀ ସତ୍ରରେ ସମାବିଷ୍ଟ ହୋଇପାରେ, ସଂସଦର ପ୍ରତ୍ୟେକ ସଦନରେ ଉପସ୍ଥାପିତ ହେବ ଏବଂ ଯଦି ସତ୍ରର ଅବ୍ୟବହିତ ପୂର୍ବବର୍ତ୍ତୀ ସତ୍ରର ଉପରୋକ୍ତ କ୍ରମବର୍ତ୍ତୀ ସତ୍ରର ସମାପ୍ତିପୂର୍ବରୁ ନିୟମଟିରେ ରୂପଭେଦକରିବା ପାଇଁ ଉଭୟ ସଦନ ସମ୍ମତ ହୁଅନ୍ତି କିମ୍ବା ନିୟମଟି ପ୍ରଣୀତ ହେବା ଉଚିତ ନୁହେଁ ବୋଲି ଉଭୟ ସଦନ ସମ୍ମତ ହୁଅନ୍ତି ତାହାହେଲେ, ତାହାପରେ ନିୟମଟି ଯଥାସ୍ଥିତି, କେବଳ ସେପରି ରୂପଭେଦିତ ଆକାରରେ ପ୍ରଭବୀ ହେବ ଅଥବା ପ୍ରଭବୀ ହେବନାହିଁ । ଅବଶ୍ୟ ସେପରି ରୂପଭେଦନ ବା ବାତିଲକରଣ ସେହି ନିୟମ ଅଧୀନରେ ପୂର୍ବରୁ କରାଯାଇଥିବା କୌଣସି ବିଷୟର ବୈଧତା ଉପରେ ଆଞ୍ଚ ଆଣିବ ନାହିଁ ।